**॥ ୨୦୨୧- ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ମେଳା ସୂଚାରୁ ରୂପେ ସମ୍ପାଦନ କରାଯିବା ନିମନ୍ତେ ତା-୦୪.୦୨.୨୦୨୧ ରିଖ କୋଣାର୍କ ଯାତ୍ରୀ ନିବାସ ସଭାଗୃହରେ ଅନୁଷ୍ଠିତ ହୋଇଥିବା ପ୍ରଥମ ସମନ୍ୱୟ କମିଟି ବୈଠକର ବିବରଣୀ ॥**

ଚଳିତ ବର୍ଷ ମାଘ ସପ୍ତମୀ ମେଳା ତା-୧୮.୦୨.୨୦୨୧ରିଖ ଗୁରୁବାର ଷଷ୍ଠୀ ତିଥି ଠାରୁ ଆରମ୍ଭ ହୋଇ ତା-୧୯.୦୨.୨୦୨୧ରିଖ ଶୁକ୍ରବାର ସପ୍ତମୀ ଦିନ ପର୍ଯ୍ୟନ୍ତ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ମେଳା ପଡିଆରେ ଅନୁଷ୍ଠିତ ହେବ । ଏହି ଚନ୍ଦ୍ରଭାଗା ମେଳା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ଚନ୍ଦ୍ରଭାଗାରେ ବୁଡ ପକାଇବା ନିମନ୍ତେ ସମାଗମ ହୋଇଥାନ୍ତି । ଏହି ମେଳାକୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ, ଜିଲ୍ଲାପାଳ ପୁରୀ ଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ତା-୦୪.୦୨.୨୦୨୧ ରିଖ ଅପରାହ୍ନ ଘ୧.୦୦ଟିକା ସମୟରେ କୋଣାର୍କ ଯାତ୍ରୀ ନିବାସ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମାନ୍ୟବର ବିଧାୟକ,କାକଟପୁର ନିର୍ବାଚନ ମଣ୍ଡଳୀ, ଅତିରିକ୍ତ ଜଲ୍ଲାପାଳ, ଉପଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ସେବାୟତ, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ । ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କ ତାଲିକା ପରିଶିଷ୍ଟ 'କ' ରେ ଦର୍ଶାଯାଇଅଛି ।

ସର୍ବ ପ୍ରଥମେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ସଭ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଚନ୍ଦ୍ରଭାଗା ମେଳାକୁ ରାଜ୍ୟ ସରକାରଙ୍କ ଆଦେଶ ସଂଖ୍ୟା-୪୮୦, ତା୩୦.୦୧.୨୦୨୧ରିଖରେ ପ୍ରକାଶ ପାଇଥିବା କୋଭିଡ୍-୧୯ ନିୟମାନୁଯାୟୀ ସମ୍ପାଦନ କରିବା ନିମନ୍ତେ ସମସ୍ତ ସଭ୍ୟମାନଙ୍କର ସହଯୋଗ କାମନା କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ରାଜ୍ୟ ସରକାରଙ୍କ ନିୟମ ମୁତାବକ ବହୁତ ସଂଖ୍ୟାରେ ଜନସମାଗମକୁ ନିଷିଦ୍ଧ କରାଯାଇଅଛି ଏବଂ ସାମାଜିକ, ଧାର୍ମିକ, ସାଂସ୍କୃତିକ, କ୍ରିଡା ଇତ୍ୟାଦି କାର୍ଯ୍ୟକ୍ରମରେ ୫୦୦ ଲୋକଙ୍କ ମଧ୍ୟରେ ସୀମିତ ରହିବାର ବ୍ୟବସ୍ଥା ରହିଛି । ତେଣୁ ଚଳିତ ବର୍ଷ ଚନ୍ଦ୍ରଭାଗା ମେଳାକୁ ଜନସାଧାରଣଙ୍କୁ ବାରଣ କରାଯିବ ଏବଂ ଚନ୍ଦ୍ରଭାଗା ମେଳା ପଡିଆ ତଥା ପୁଷ୍କରିଣୀକୁ ଅନୁପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ଚନ୍ଦ୍ରଭାଗା ମେଳା ନିମନ୍ତେ ତିନି ଠାକୁର ଯଥା- ଶ୍ରୀ ଈଶାଣେଶ୍ୱର ଦେବ, ଶ୍ରୀ ଦକ୍ଷିଣେଶ୍ୱର ଦେବ ଓ ଶ୍ରୀ ତ୍ରିବେଣୀଶ୍ୱର ଦେବଙ୍କର ରିତିନୀତି, ଶୋଭାଯାତ୍ରା ଯେପରି ପୂର୍ବ ବର୍ଷ ମାନଙ୍କରେ କରାଯାଇଥାଏ ସେପରି ଭାବରେ କରାଯିବ । କିନ୍ତୁ ଠାକୁରମାନଙ୍କ ରିତିନୀତି ସହ ଜଡିତ ସେବକ ଅଧିକୃତ ଅଧିକାରୀମାନେ କୋଭିଡ୍-୧୯ ନିୟମ ମୁତାବକ ମେଳା ସମୟରେ ରହି ପାରିବେ । ଉକ୍ତ ପ୍ରସ୍ତାବରେ ଉପସ୍ଥିତ ଥିବା ସମସ୍ତ ସେବାୟତ, ସଭ୍ୟମାନେ ସମ୍ମତି ପ୍ରକାଶ କରିଥିଲେ ଏବଂ ନିମ୍ନ ବର୍ଣ୍ଣିତ ବିଷୟ ଉପରେ ସିଦ୍ଧାନ୍ତ ଗ୍ରହଣ କରାଯାଇ ଥିଲା ।

**୧) <u>ନୀତି ସମ୍ପାଦନ</u>:-**

ପୂର୍ବ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମାଘ ସପ୍ତମୀ ମେଳା ନିମନ୍ତେ ଠାକୁର ମାନଙ୍କର ମେଳା ପଡିଆକୁ ଆସିବା ନିମନ୍ତେ ମାହେନ୍ଦ୍ର ବେଳା ଓ ଅମୃତ ବେଳା ନିରୁପଣ ସହିତ ଯଥାରୀତି ନୀତି ସମ୍ପାଦନ ସମ୍ବନ୍ଧରେ ଉପ ଜିଲ୍ଲାପାଳ, ପୁରୀଙ୍କ ଅଧକ୍ଷତାରେ ଏକ ସବ୍ କମିଟି ଗଠନ କରାଗଲା । ଉକ୍ତ କମିଟିରେ ନିମ୍ନଲିଖିତ ପଦାଧିକାରୀଙ୍କୁ ନିଯୋଜିତ କରିବାପାଇଁ ଅଧକ୍ଷ ପରାମର୍ଶ ଦେଇଥିଲେ ।

୧. **ତହସିଲଦାର, ଗୋପ/ ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ ମଣ୍ଡଳ ଉନ୍ନୟନ ଅଧିକାରୀ, କାକାଟପୁର/ ମଣ୍ଡଳ ଉନ୍ନୟନ ଅଧିକାରୀ, ଅସ୍ତରଙ୍ଗ/ ନିମାପଡା / ତହସିଲଦାର, କାକଟପୁର / ତହସିଲଦାର, ଅସ୍ତରଙ୍ଗ/ନିମାପଡା/ ଉପଆରକ୍ଷୀ ଅଧିକାରୀ, ନିମାପଡା/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କୋଣାର୍କ/ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା ।** ଉକ୍ତ ସବ୍ କମିଟି ଠାକୁର ମାନଙ୍କର ନୀତି ସମ୍ପାଦନ, ମାହେନ୍ଦ୍ର ବେଳା ଆଦି ନିରୂପଣ କରିବେ ଏବଂ ମେଳାର ସମସ୍ତ ପ୍ରସ୍ତୁତି ପରିଚାଳନା କରିବେ । ଉପସ୍ଥିତ ଥିବା ପୂଜକଙ୍କୁ ମାହେନ୍ଦ୍ର ବେଳା ନିରୂପଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଆଗାମୀ ୩-୪ ଦିନ ମଧରେ ସବ୍‌କମିଟି ବୈଠକ ଅନୁଷ୍ଠିତ ନିମନ୍ତେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଆଦେଶ ଦେଇଥିଲେ ।

ଉକ୍ତ ସବ୍ କମିଟି ମେଳାର ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରି ମେଳା କାର୍ଯ୍ୟ କୋଭିଡ୍-୧୯ ନିୟମାନୁସାରେ ସୂଚାରୁ ରୂପେ ସମ୍ପାଦନ ହେବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଠାକୁର ମାନଙ୍କ ବିଜେ ଶୋଭାଯାତ୍ରା ନୀତି ସମ୍ପାଦନ ଇତ୍ୟାଦିରେ ଅର୍ଥ ଖର୍ଚ୍ଚ ପଡୁଥିବାରୁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ସମସ୍ତ ଖର୍ଚ୍ଚ କୁ ତୁଲାଇବା ନିମନ୍ତେ ବୈଠକରେ ସିଦ୍ଧାନ୍ତ ହୋଇଥିଲା ।

୨. ମାଘ ସପ୍ତମୀ ମେଳା ସମୟରେ ତିନିଠାକୁର ଯଥା-**(୧) ଗୋପ ତହସିଲ ଅନ୍ତର୍ଗତ ମାଧିପୁର ଗ୍ରାମର ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ଦେବ, (୨) କାକଟପୁର ତହସିଲ ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମର ଶ୍ରୀ ଶ୍ରୀ ଦକ୍ଷୀଣେଶ୍ୱର ଦେବ, (୩) ସନ୍ଥପୁର ଗ୍ରାମର ଶ୍ରୀ ଶ୍ରୀ ଈଶାଣେଶ୍ୱର ଦେବ ଯଥାକ୍ରମେ ତହସିଲଦାର, ଗୋପ, ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ ତହସିଲଦାର, କାକଟପୁର ଏବଂ ତହସିଲଦାର, ଅସ୍ତରଙ୍ଗ**ଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଭାଗା ମେଳା ସ୍ଥାନକୁ ବିଜେ କରିବେ ଏବଂ ଏହି ଶୋଭାଯାତ୍ରା ସମୟରେ ପାରମ୍ପାରିକ ବାଦ୍ୟଯନ୍ତ୍ର ସହ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି କରାଗଲା । ଏହା ଉପ ଜିଲ୍ଲାପାଳ, ପୁରୀ ଓ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳଙ୍କ ତତ୍ତ୍ୱାବଧାନରେ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

ତିନିଠାକୁରଙ୍କ ମନ୍ଦିରକୁ ମେଳା ପୂର୍ବରୁ ଚୂନ ଧଉଳାଇବା ନିମନ୍ତେ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ବିହିତ ପଦକ୍ଷେପ ନେବେ ।

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ/ତହସିଲଦାର, ଗୋପ /କାକଟପୁର/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା/ ଚେୟାରମ୍ୟାନ୍, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ]*

୨) <u>ସ୍ୱାସ୍ଥ୍ୟ ଓ ପରିମଳ:-</u>

**କ) ସ୍ୱାସ୍ଥ୍ୟ :-** ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଚନ୍ଦ୍ରଭାଗା ମେଳାରେ ଅଧିକ ସଂଖ୍ୟାର ଯାତ୍ରୀ ସମାଗମକୁ ପ୍ରତିହତ କରିବା ତଥା କୋଭିଡ୍-୧୯ ସଂକ୍ରାମକ ରୋଗ ବିସ୍ତାରକୁ ପ୍ରତିହତ କରିବା ନିମନ୍ତେ ରାମଚଣ୍ଡୀ ଠାକୁରାଣୀଙ୍କ ଛକ, ଚନ୍ଦ୍ରଭାଗା ମେଳା ପଡିଆ ଓ କୋଣାର୍କ ବସ୍‌ଷ୍ଟାଣ୍ଡ ନିକଟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ତା-୧୮.୦୨.୨୦୨୧ ଓ ତା-୧୯.୦୨.୨୦୨୧ ରିଖ ଖୋଲାଯିବା ନିମନ୍ତେ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା । କୋଣାର୍କ ଚିକିତ୍ସାଳୟରେ ଅଧିକ ଶଯ୍ୟା, ଆମ୍ବୁଲାନସ୍, ଔଷଧ ମହଜୁଦ୍ ରଖିବାପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । କୋଣାର୍କ ଡାକ୍ତରଖାନାରେ ତା୧୭.୦୨.୨୦୨୧ରିଖ ଠାରୁ ତା୧୯.୦୨.୨୦୨୧ରିଖ ପର୍ଯ୍ୟନ୍ତ ଦିବାରାତ୍ର କାର୍ଯ୍ୟକ୍ଷମ ରହିବ ।

ତତ୍ ସଙ୍ଗେ ସଙ୍ଗେ ରାମଚଣ୍ଡୀ ଠାକୁରାଣୀ ଛକ ଠାରୁ ଚନ୍ଦ୍ରଭାଗା ମେଳା ପଡିଆ ରେ ୨ ଗୋଟି ଆମ୍ବୁଲାନ୍ସ ଗାଡି ଅହୋରାତ୍ର କାର୍ଯ୍ୟକ୍ଷମ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ ବିହିତ ପଦକ୍ଷେପ ନେବେ ।

ଖାଦ୍ୟ ଅପମିଶ୍ରଣକୁ କଡାକଡି ଭାବେ ତନଖି କରିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ମେଳାର ୩ଦିନ ପୂର୍ବରୁ ମୁତୟନ କରାଯିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଖାଦ୍ୟ ଦୋକାନରେଖାଦ୍ୟର ମାନ ଯାଂଚ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ଏବଂ ମୋବାଇଲ କୋର୍ଟ କାର୍ଯ୍ୟକ୍ଷମ ହେବ । କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ମଧ ଖାଦ୍ୟ ଯାଞ୍ଚ ନିମନ୍ତେ ଏକ ଦଳ ମୁତୟନ କରାଯିବ ।

*[କାର୍ଯ୍ୟାନୁଷ୍ଠାନ:- ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ/ନିର୍ବାହୀ ଅଧିକାରୀ କୋଣାର୍କ ବିଜ୍ଞାପିତ ଅଞ୍ଚଳ/ଖାଦ୍ୟ ସୁରକ୍ଷା ଅଧିକାରୀ, ପୁରୀ]*

**୫) <u>ପରିମଳ:-</u>**

ଚନ୍ଦ୍ରଭାଗା ମେଳା ନିମନ୍ତେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ତଥା ମେଳା ପଡିଆ, ଚନ୍ଦ୍ରଭାଗା ପୁଷ୍କରିଣୀ, ରାସ୍ତା ଘାଟ, ନାଳ ଇତ୍ୟାଦି ସଫା ସୁତୁରା ରଖିବେ ।

ମେଳା ଶେଷର ୨ ଦିନ ମଧ୍ୟରେ କୋଣାର୍କ ତଥା ଚନ୍ଦ୍ରଭାଗା ମେଳା ପଡିଆକୁ ତୁରନ୍ତ ସଫା କରିବାକୁ ବୈଠକରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମେଳା ପଡିଆରେ ଡଷ୍ଟବିନ ରଖାଯିବାର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ତତ୍ ସଙ୍ଗେ ମାଇକ୍ ସେଟ୍ ମାଧ୍ୟମରେ ପାଇଖାନା, ପରିଶ୍ରାଗାର, ଡଷ୍ଟବିନ ବ୍ୟବହାର କରିବାକୁ ଉପସ୍ଥିତ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର କରାଯିବ ।

***[କାର୍ଯ୍ୟାନୁଷ୍ଠାନ:- ନିର୍ବାହୀ ଅଧିକାରୀ,କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ / ନିର୍ବାହୀ ଯନ୍ତ୍ରୀ , ଗ୍ରାମ୍ୟ ଜଳ ଯୋଗାଣ, ପୁରୀ]***

**୩) <u>ପାନୀୟ ଜଳ ଯୋଗାଣ:-</u>**

କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ନଳକୂପ ଗୁଡିକୁ ମରାମତି କରି ମେଳା ପୂର୍ବରୁ ସଚଳ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ନଳକୂପଗୁଡିକୁ ମେଳା ପୂର୍ବରୁ ବିଶୋଧନ କରାଯିବା ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ନଳକୂପ ଗୁଡିକର ବିଶୋଧନ କାର୍ଯ୍ୟ ମେଳା ପୂର୍ବରୁ ଶେଷ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।

ମେଳା ସମୟରେ ଜଳ ପୂର୍ଣ୍ଣ ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ବଂଟନ କରାଯିବାର ବ୍ୟବସ୍ଥା କରାଯିବ । ତତ୍ ସଙ୍ଗେ ଭ୍ରାମ୍ୟମାଣ ପାଣିଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ବଂଟନର ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣଙ୍କୁ ପରାମର୍ଶ ଦେଇଥିଲେ । ଏତଦ୍ ବ୍ୟତୀତ ତିନିଠାକୁରଙ୍କ ପାଖରେ ଥିବା ଟ୍ୟୁବୱେଲକୁ ମରାମତି କରି ରୋଗାଣୁନାଶ କରିବାପାଇଁ ବିହିତ ପଦକ୍ଷେପ ନେବେ । ସମସ୍ତ ପ୍ରସ୍ତୁତି ଯାତ୍ରାର ୩ ଦିନ ପୂର୍ବରୁ ନିଶ୍ଚିତ କରିବା ପାଇଁ ପରାମର୍ଶ ଦିଆଗଲା । ନବଗ୍ରହ ନିକଟ ଟ୍ୟୁବଲ ଓ ନୋଳିଆ ସାହି ଛକରେ ଥିବା ନଳକୂପକୁ ତୁରନ୍ତ ମରାମତି କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଗଲା ।

***[କାର୍ଯ୍ୟାନୁଷ୍ଠାନ:- ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ, ପୁରୀ/ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ, ପୁରୀ/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ]***

**୪) <u>ବିଦ୍ୟୁତ ଯୋଗାଣ:-</u>**

ମେଳା ପଡିଆରେ ଉଜ୍ୱଳ ଆଲୋକ ଓ ସମସ୍ତ ଅଧିକାରୀଙ୍କ ଶିବିରକୁ ଆଲୋକିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ପାଇଖାନା ଓ ପରିଶ୍ରାଗାର ମଧ୍ୟ ଆଲୋକିତ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିର୍ବାହୀ ଅଧିକାରୀ, କୋଣାର୍କ ଏନ୍ .ଏ. ସି ଙ୍କୁ ପରାମର୍ଶ ଦେଇଥିଲେ । ମେଳା ସମୟରେ ହେଲିପ୍ୟାଡ, ମେଳା ପଡିଆ, ନବଗ୍ରହ ଓ ମେରାଇନ ଡ୍ରାଇଭ ଇତ୍ୟାଦି ସ୍ଥାନରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ଆଲୋକ ବ୍ୟବସ୍ଥା କରିବେ । ଆବଶ୍ୟକ ଅନୁଯାୟୀ ଜେନେରେଟର ବ୍ୟବସ୍ଥା କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କରିବେ । ନବଗ୍ରହ ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାରେ ଆଲୋକର ବ୍ୟବସ୍ଥା କରିବେ । ବିଦ୍ୟୁତ୍ ବିଭାଗ ଏବଂ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ମେଳା ଉପଲକ୍ଷେ ଆବଶ୍ୟକ ମରାମତି ଦଳ ମୁତୟନ କରିବେ । ପୂର୍ବ ବର୍ଷର ପ୍ରସ୍ତୁତି ଅନୁରୂପ ଏ ବର୍ଷ ସମସ୍ତ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଗଲା । ଏହା ସବ୍ କମିଟି ତଦାରଖରେ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

***[କାର୍ଯ୍ୟାନୁଷ୍ଠାନ:- ସବ୍ କମିଟି ଚନ୍ଦ୍ରଭାଗା ମେଳା/ଏ.ଜି.ଏମ୍., ସେସୁ/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ]***

**୫.(କ) ପାର୍କିଂ ବ୍ୟବସ୍ଥା :-**

ଚଳିତ ବର୍ଷ ଅଧିକୃତ ଅଧିକାରୀ, ଠାକୁରଙ୍କ ରିତୀନୀତି ସହ ଜଡିତ ସେବକ, ଗଣମାଧମ ବ୍ୟକ୍ତିବିଶେଷଙ୍କୁ ପାର୍କିଂ ସ୍ଥାନ ରେ ଗାଡି ପାର୍କିଂ କରିବାକୁ ଅନୁମତି ଦିଆଯିବ । ଆରକ୍ଷୀ ନିରୀକ୍ଷକ, କୋଣାର୍କ ପୂର୍ବବର୍ଷ ପରି ଚଳିତ ବର୍ଷ ପାସ୍ ବଣ୍ଟନ କରିବେ ।

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ /ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ /ତହସିଲଦାର, ଗୋପ / ଆଂଚଳିକ ପରିବହନ ଅଧିକାରୀ, ପୁରୀ/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ ପର୍ଯ୍ୟଟନ ଅଧିକାରୀ, ପୁରୀ /ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ / ପ୍ରତ୍ନତତ୍ୱ ବିଭାଗ, କୋଣାର୍କ]*

**୬) ଶାନ୍ତି ଶୃଙ୍ଖଳା ରକ୍ଷା :-**

ବିଗତ ବର୍ଷ ଭଳି ଚଳିତ ବର୍ଷ ମେଳା ସମୟରେ ଆବଶ୍ୟକ ଆରକ୍ଷୀ ବାହିନୀ ମୁତୟନ କରାଯିବ । ମେଳା ପଡିଆରେ, ରାସ୍ତାରେ ସମୁଦ୍ରକୂଳ ଇତ୍ୟାଦି ସ୍ଥାନରେ ପେଟ୍ରୋଲିଂ ବ୍ୟବସ୍ଥା କରାଯିବ ।

ଆବଶ୍ୟକ ସଂଖ୍ୟକ ଲାଇଫ ଗାର୍ଡ, ଓଡ୍ରାଫ୍ ମୁତୟନ ନିମନ୍ତେ ଅଗ୍ନିଶମ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ଏତଦ୍ ବ୍ୟତୀତ ସ୍ଥାନୀୟ ଲାଇଫ ଗାର୍ଡ ମାନଙ୍କର ସହଯୋଗ ନିଆଯିବ । ଲାଇଫ୍ ଗାର୍ଡ ମାନେ ଯେପରି ଚନ୍ଦ୍ରଭାଗା ପୁଷ୍କରିଣୀ , ସମୁଦ୍ରକୂଳରେ ବିଛାଇ ହୋଇ ରହି କାର୍ଯ୍ୟ ସମ୍ପାଦନ କରିବେ ସେଥିପାଇଁ ଅଗ୍ନିଶମ ଅଧିକାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଗଲା । ଉକ୍ତ କାର୍ଯ୍ୟରେ ସେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସହଯୋଗ ନେବା ପାଇଁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପର୍ଯ୍ୟଟନ ଅଧିକାରୀ, କୋଣାର୍କଙ୍କୁ ଦାୟିତ୍ୱ ଦିଆଗଲା ।

ଚଳିତ ବର୍ଷ କୋଭିଡ୍-୧୯ର କଟକଣାକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥାନ ନିରୁପଣ କରି ତାହାର ଏକ ଚିଠା ଉପଜିଲ୍ଲାପାଳ, ପୁରୀଙ୍କୁ ଅବଗତ କରିବେ । ଉପଜିଲ୍ଲାପାଳ, ପୁରୀ ସମ୍ପୃକ୍ତ ସ୍ଥାନରେ ୧୪୪ ଧାରା ଲାଗୁ କରିବେ । ଯେପରି ସ୍ଥାନୀୟ ଲୋକଙ୍କ ଯାତାୟତ ବା ଗମନା ଗମନରେ ଅସୁବିଧା ନହୁଏ ଏବଂ ବାହାର ଜନସାଧାରଣଙ୍କ ମେଳାକୁ ଅନୁପ୍ରବେଶ ନହୁଏ ତାହା ଉପରେ ବିହୀତ ପଦକ୍ଷେପ ନେବେ । ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ଓ ଆରକ୍ଷୀ ନୀରିକ୍ଷକ, କୋଣାର୍କ ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ସହଯୋଗ କରିବେ ।

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ / ଆରକ୍ଷୀ ନିରୀକ୍ଷକ, କୋଣାର୍କ /ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ / ଅଗ୍ନିଶମ ଅଧିକାରୀ, ପୁରୀ]*

**୭) ସୂଚନା ଓ ପ୍ରସାରଣ ବ୍ୟବସ୍ଥା:-**

ଚନ୍ଦ୍ରଭାଗା ମେଳାରେ ତା-୧୮.୦୨.୨୦୨୧ ରିଖ ଠାରୁ ତା-୧୯.୦୨.୨୦୨୧ ରିଖ ପର୍ଯ୍ୟନ୍ତ ବୁଡ ଉପଲକ୍ଷେ ସୂଚନା ଓ ପ୍ରସାରଣ ବିଭାଗ ଜନ ସଚେତନତା ଶିବିର କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ମାଘ ମେଳା ଉପଲକ୍ଷେ ଆବଶ୍ୟକ ସଂସ୍କୃତିକ କାର୍ଯ୍ୟକ୍ରମ ଦଳ ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗାଇ ଦେବେ । ଆବଶ୍ୟକ ସାଂସ୍କୃତିକ ଦଳ ସମ୍ବନ୍ଧେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଆବେଦନ କଲେ ଆବଶ୍ୟକ

ମୁତାବକ ସାଂସ୍କୃତିକ ଦଳ ଠାକୁରଙ୍କ ଶୋଭାଯାତ୍ରା ପାଇଁ ଯୋଗାଇ ଦିଆଯିବ । ତତ୍ ସଙ୍ଗେ ସଙ୍ଗେ ଠାକୁରଙ୍କ ଶୋଭାଯାତ୍ରା ପାଇଁ ବିଜ୍ଞାପିତ ଅଂଚଳ ପ୍ରସ୍ତାବ ଦେଲେ ଆବଶ୍ୟକ ଦଳ ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ସଂସ୍କୃତି ଅଧିକାରୀ ବୈଠକରେ ମତବ୍ୟକ୍ତ କରିଥିଲେ

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ /ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୁରୀ/ ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା / କାର୍ଯ୍ୟ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ,ପୁରୀ /ଜିଲ୍ଲା ସଂସ୍କୃତି ଅଧିକାରୀ, ପୁରୀ/ସହକାରୀ ଅଗ୍ନିଶମ ଅଧିକାରୀ, ପୁରୀ]*

## ୮) <u>ପବିତ୍ର ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ:-</u>

ପୁଷ୍କରିଣୀର ପଙ୍କଉଦ୍ଧାର ଏବଂ ପରିଷ୍କାର ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା ଏବଂ ଏହିକାର୍ଯ୍ୟ ତୁରନ୍ତ ଶେଷ କରି ମେଳାର ୫ ଦିନ ପୂର୍ବରୁ ବିଜ୍ଞାପିତ ଅଂଚଳ ପରିଷଦକୁ ହସ୍ତାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା ।

ଚନ୍ଦ୍ରଭାଗା ପୁଷ୍କରିଣୀ ର ରକ୍ଷଣା ବେକ୍ଷଣ କାର୍ଯ୍ୟ ସ୍ଥାନ ନିମନ୍ତେ ପବିତ୍ର ପୁଷ୍କରିଣୀରୁ ଅଳିଆ ଆବର୍ଜନା ସଫା କରିବା ସହିତ ପୁଷ୍କରିଣୀର ଜଳକୁ ସ୍ୱଚ୍ଛ କରିବା ନିମନ୍ତେ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦଙ୍କୁ ଦାୟୀତ୍ୱ ଅର୍ପଣ କରାଗଲା ।

*[କାର୍ଯ୍ୟାନୁଷ୍ଠାନ:- ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ /ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ, ପୁରୀ ଓ ଭୁବନେଶ୍ୱର]*

## ୯) <u>ଅନ୍ୟାନ୍ୟ:-</u>

କ) ମନ୍ଦିର ଚତୁପାର୍ଶ୍ୱ ଶୃଙ୍ଖଳିତ ଭାବରେ ଉଠାଦୋକାନ ସ୍ଥାନାନ୍ତରିତ କରିବା ପାଇଁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ଆରକ୍ଷୀ ନିରୀକ୍ଷକ/ ତହସିଲଦାର, ଗୋପ କୁ ପରାମର୍ଶ ଦିଆଯାଇଥିଲା ।

ଖ) ଚନ୍ଦ୍ରଭାଗା ପବିତ୍ର ପୁଷ୍କରିଣୀରେ ବୁଡ ନିମନ୍ତେ କୌଣସି ବ୍ୟକ୍ତିଙ୍କୁ ଛଡାଯିବ ନାହିଁ ବୋଲି ବୈଠକରେ ସ୍ଥିର କରାଗଲା ।

ଗ) କୋଣାର୍କ ମନ୍ଦିର ଭିତରେ ବେଆଇନ ଭାବେ ଭୋଗ ନିମନ୍ତେ କୌଣସି ବ୍ୟକ୍ତିଙ୍କଠାରୁ ଅର୍ଥ ଆଦାୟ ହେଉଥିଲେ ତାହା ବନ୍ଦ କରିବାକୁ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧିଙ୍କୁ ପରାମର୍ଶ ଦିଆଗଲା । ସେ ମଧ ମନ୍ଦିର ପରିସରକୁ ସଫା ଓ ଆଲୋକିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

ଘ) ଚନ୍ଦ୍ରଭାଗା ମେଳା ସମୟରେ ଆବଶ୍ୟକ ସ୍ୱେଚ୍ଛାସେବୀ ମୁତୟନ ରହିବେ ଏବଂ ଉକ୍ତ କାର୍ଯ୍ୟ ଶ୍ରୀଯୁକ୍ତ ରାମକୃଷ୍ଣ ମହାନ୍ତିଙ୍କ ତତ୍ୱାବଧାନରେ କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା । ନିର୍ବାହୀ ଅଧିକାରୀ, କୋଣାର୍କ ଏକ ତାଲିକା ପ୍ରସ୍ତୁତ କରି ଉପଜିଲ୍ଲାପାଳ ଓ ଆରକ୍ଷୀ ନିରୀକ୍ଷକଙ୍କୁ ଜଣାଇବେ ।

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ / ଜିଲ୍ଲାପାଳ, ପୁରୀ/ ଅବକାରୀ ଅଧିକ୍ଷକ, ପୁରୀ/ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ ତହସିଲଦାର, ନିମାପଡା/ଗୋପ-କୋଣାର୍କ /କାକଟପୁର/ ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପୁରୀ /ସହକାରୀ ଅଗ୍ନିଶମ ଅଧିକାରୀ, ପୁରୀ]*

ପରିଶେଷରେ ଚନ୍ଦ୍ରଭାଗା ମେଳା ଶୃଙ୍ଖଳିତ ଓ କୋଭିଡ୍-୧୯ ନିୟମାନୁସାରେ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ, ଜନସାଧାରଣ , ପୂଜକ ମାନଙ୍କ ସହଯୋଗ କାମନା କରି ସଭା ସାଂଗ କରାଗଲା ।

8/2/21

ଜିଲ୍ଲାପାଳ, ପୁରୀ

ଉପପତ୍ର ସଂଖ୍ୟା- 121 /ସା ଓ ବି., ତା- 8.2.2021

ଏହାର ଏକକିତା ନକଲ ସମସ୍ତ ସଭ୍ୟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସଂପୃକ୍ତ ଅଧିକାରୀ ଓ ଯନ୍ତ୍ରୀମାନେ ନିଜ ନିଜ ବିଭାଗ ଦ୍ୱାରା ନେବାକୁ ଥିବା କାର୍ଯ୍ୟାନୁଷ୍ଠାନର ସଠିକ୍ ଅନୁପାଳନ ନିମନ୍ତେ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ପୁରୀ

ଉପପତ୍ର ସଂଖ୍ୟା- 122 /ସା ଓ ବି., ତା- 8.2.2021

ଏହାର ଏକକିତା ନକଲ ସଚିବ, ଜଳସମ୍ପଦ ବିଭାଗ, ଓଡିଶା, ଭୁବନେଶ୍ୱର/ ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱର/ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱର/ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା, ଓଡିଶା, ଭୁବନେଶ୍ୱର/ ନିର୍ଦ୍ଦେଶକ, ଆକାଶବାଣୀ, କଟକ/ନିର୍ଦ୍ଦେଶକ, ଦୂରଦର୍ଶନ, ଭୁବନେଶ୍ୱର/ ଆରକ୍ଷୀ ମହାନିର୍ଦ୍ଦେଶକ, ଭୁବନେଶ୍ୱର/ସଚିବ, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ, କଟକ/ଅଗ୍ନିଶମ ଅଧିକାରୀ, କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଉପପତ୍ର ସଂଖ୍ୟା- 123 /ସା ଓ ବି., ତା- 8.2.2021

ଏହାର ଏକକିତା ନକଲ ଆରକ୍ଷୀ ଅଧିକ୍ଷକ, ପୁରୀ /ଉପନିର୍ଦ୍ଦେଶକ, ଦୂରଦର୍ଶନ, ପୁରୀ/ନିର୍ବାହୀ ଯନ୍ତ୍ରୀ, ସେସୁ, (ଟି.ପି.ସି.ଓ.ଡି.ଏଲ୍.),ପୁରୀ/ ନିର୍ବାହୀ ଯନ୍ତ୍ରୀ, ସେସୁ, ନିମାପଡା/ ସହକାରୀ ଯନ୍ତ୍ରୀ, ଆକାଶବାଣୀ, ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଉପପତ୍ର ସଂଖ୍ୟା- 124 /ସା ଓ ବି., ତା- 8.2.2021

ଏହାର ଏକକିତା ନକଲ ଜିଲ୍ଲା ସୂଚନା ପ୍ରଯୁକ୍ତି ବିଭାଗ ଅଧିକାରୀ, ପୁରୀଙ୍କ ଅବଗତି ତଥା ୱେବସାଇଟରେ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

19 - N.I.C. Puri